# 2020-21 ବାର୍ଷିକ ବଜେଟ୍‌ର ମୁଖ୍ୟାଂଶ

ଆଜି 18 ଫେବୃଆରୀ,2020 ରେ ମାନ୍ୟବର ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ନିରଞ୍ଜନ ପୂଜାରୀ 2020-21 ଆର୍ଥିକ ବର୍ଷ ନିମନ୍ତେ 1 ଲକ୍ଷ 50 ହଜାର କୋଟି ଟଙ୍କାର ବଜେଟ୍ ବିଧାନସଭାରେ ଅନୁମୋଦନ ପାଇଁ ଉପସ୍ଥାପନ କରିଛନ୍ତି । ଏବି ବଜେଟ୍ ରେ ପୁଞ୍ଜି ନିବେଶ, ବିକାଶ, ଭିତ୍ତିଭୂମି ଉନ୍ନୟନ ଓ ରୂପାନ୍ତରଣ ଉପରେ ଗୁରୁତ୍ୱ ଆରୋପ କରାଯାଇଅଛି । ଏହି ଜନ ମଙ୍ଗଳକାରୀ ବଜେଟ୍ ବିଗତ 2019-20 ଆର୍ଥିକ ବର୍ଷ ସଂଶୋଧିତ ଆକଳନ ତୁଳନାରେ 11.1% ଅଧିକ ଅଟେ ।

ପୂର୍ବ ବର୍ଷ ମାନଙ୍କ ଭଳି 2020-21 ଆର୍ଥିକ ବର୍ଷ ବଜେଟ୍ କୁ ମଧ୍ୟ କୃଷି ବଜେଟ୍ ଓ ସାଧାରଣ ବଜେଟ୍ ଏହିପରି ଦୁଇ ଭାଗରେ ବିଭକ୍ତ କରାଯାଇଛି । ଏହାର ତୁଳନାତ୍ମକ ବିବରଣୀ ନିମ୍ନଲିଖିତ ସାରଣୀରେ ଦର୍ଶାଯାଇଛି ।

(କୋଟି ଟଙ୍କା ହିସାବରେ)

| କ୍ରମିକ ସଂଖ୍ୟା | ପ୍ରକାର | 2019-20 ଆର୍ଥିକ ବର୍ଷର ସଂଶୋଧିତ ଆକଳନ | 2020-21 ଆର୍ଥିକ ବର୍ଷର ବଜେଟ୍ ଆକଳନ |
|---|---|---|---|
| 1. | ପ୍ରଶାସନିକ ଖର୍ଚ୍ଚ | 55,490 | 65,655 |
| 2. | କାର୍ଯ୍ୟକ୍ରମ ଖର୍ଚ୍ଚ | 68,000 | 74,000 |
| 3. | ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଖର୍ଚ୍ଚ | 4,600 | 3,200 |
| 4. | ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ହେଉଥିବା ଅର୍ଥରୁ ଖର୍ଚ୍ଚ | 6,910 | 7,145 |
| **ମୋଟ** | | **1,35,000** | **1,50,000** |

## 1. ଏହି ବଜେଟ୍‌ରେ  କ'ଣ ନୂତନତ୍ୱ ଅଛି?

- ଇ-ବଜେଟ୍‌ର ପ୍ରବର୍ତ୍ତନ ଯାହାକି ଏକ ପରିବେଶ ଅନୁକୂଳ  ପଦକ୍ଷେପ ଅଟେ ।
- ଏକ ସ୍ୱତନ୍ତ୍ର ବଜେଟ୍ ମୋବାଇଲ ଆପ୍ ଯାହାକି ଉଭୟ Google Play Store ଏବଂ Apple Appstore  ରେ ଉପଲବ୍ଧ ।
- **ବଜେଟ୍ ମୋବାଇଲ ଆପ୍‌କୁ ସହଜରେ** ଉପଲବ୍ଧ କରିବାକୁ QR code ର ବ୍ୟବସ୍ଥା ।
- ଦେଶର ପ୍ରଥମ ରାଜ୍ୟ ଭାବରେ  Nutrition Budget  ଦସ୍ତାବିଜ୍  ଶୁଭାରମ୍ଭ  ।
- ଦେଶର ପ୍ରଥମ ରାଜ୍ୟ ଭାବରେ  ଓଡିଶା ଏକ ଜଳବାୟୁ ବଜେଟ (Climate Code Budget)  ଦସ୍ତାବିଜ୍ ଆରମ୍ଭ କରିଛି ।
- **ବଜେଟ୍‌ର ବିଶ୍ୱସନୀୟତାରେ ଉନ୍ନତି ଆଣିବା ପାଇଁ ଦେଶର** ପ୍ରଥମ ରାଜ୍ୟ ଭାବରେ  ଓଡିଶାରେ Strategic Budgeting ପ୍ରକ୍ରିୟାର ପ୍ରବର୍ତ୍ତନ ।
- **Disclosure Standard ର ଉନ୍ନତି ଆଣିବା ପାଇଁ ବଜେଟ୍ ସୂଚନାକୁ excel format ରେ ଉପଲବ୍ଧ କରାଯାଇଛି ।**

## 2. ବଜେଟ୍‌ର ମୁଖ୍ୟ ଉଦ୍ଦେଶ୍ୟ: ରୂପାନ୍ତରଣ

- 5T ମନ୍ତ୍ର ଓ ନାଗରିକ- କୈନ୍ଦ୍ରିକ ଉଦ୍ୟମ "ମୋ ସରକାର", ସରକାରଙ୍କର ସୁଶାସନ ବ୍ୟବସ୍ଥା ଓ ବିକାଶ କୌଶଳ ପ୍ରତିଫଳନ କରେ
- "ପ୍ରତିକ୍ରିୟାଶୀଳ  ଶାସନ " କୁ "କ୍ରିୟାଶୀଳ ଶାସନ" ରେ ପରିବର୍ତ୍ତନ
- ଏକ " ନୂତନ ଓଡିଶା" ଗଠନର ଲକ୍ଷ୍ୟ
- କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଗବେଷଣା, ଉନ୍ନୟନ ଓ ସମ୍ପ୍ରସାରଣ କାର୍ଯ୍ୟରେ  ଅଧିକ ଧ୍ୟାନ ଦେଇ ଏହି କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବା
- ଜଳ ସଂରକ୍ଷଣ ଓ ବ୍ୟବହାର କ୍ଷେତ୍ରରେ ବୃହତ୍ ପରିବର୍ତ୍ତନ ଆଣିବା  ପାଇଁ ଆସନ୍ତା ପାଞ୍ଚ ବର୍ଷରେ 12000 କୋଟି ଟଙ୍କା ବ୍ୟୟରେ  ସମସ୍ତ  ପ୍ରମୁଖ ନଦୀରେ In-stream Storage Structures (ISS) ର ନିର୍ମାଣ
- 3208 କୋଟି ଟଙ୍କା ନିବେଶରେ ପୁରୀକୁ ଏକ ବିଶ୍ୱ ଐତିହ ସହରରେ ପରିଣତ କରିବା ପାଇଁ ବୃହତ୍ ଯୋଜନା
- ଲିଙ୍ଗରାଜ ମନ୍ଦିରର ଚତୁଃପାର୍ଶ୍ୱରେ ଥିବା 65 ଏକର ଜମିର ଉନ୍ନୟନ ପାଇଁ ଏକାମ୍ର ଯୋଜନା (EKAMRA Plan) ଅଧିନରେ ଆଗାମୀ 5 ବର୍ଷ ମଧ୍ୟରେ 700 ଟଙ୍କାର ପୁଞ୍ଜି ନିବେଶ ଏବଂ ଏଥିପାଇଁ ଏହି ବର୍ଷ ବଜେଟ୍‌ରେ 150 କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି ।
- ସମଲେଶ୍ୱରୀ ମନ୍ଦିର, ହୀରାକୁଦ ବନ୍ଧ, ଭିତରକନିକା ଏବଂ ତଳସାରୀର ପାଇଁ ସାମଗ୍ରିକ ବିକାଶ ଯୋଜନା ।
- କଟକ ସହରକୁ ଭିଡମୁକ୍ତ କରିବାପାଇଁ ପଦକ୍ଷେପ
- ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟକୁ ଏକ ଅତ୍ୟାଧୁନିକ ବିଶ୍ୱସ୍ତରୀୟ ପ୍ରତିଷ୍ଠାନରେ ପରିଣତ କରିବା ପାଇଁ 1000 କୋଟି ଟଙ୍କାର ନିବେଶ
- "Skilled-in-Odisha" କୁ ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡରେ ରୂପାନ୍ତରିତ କରିବା ପାଇଁ  ଭୁବନେଶ୍ୱରରେ  ଏକ "ବିଶ୍ୱ ଦକ୍ଷତା କେନ୍ଦ୍ର " (World Skills Centre)ର ପ୍ରତିଷ୍ଠା

❖ ଓଡିଶାକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ବହୁଳ ପୁଞ୍ଜି ନିବେଶ

## ବିଭାଗୱାରୀ ବ୍ୟୟ ବରାଦ

**(କୋଟି ଟଙ୍କା ହିସାବରେ)**

| ଦାବୀ ନଂ. | ବିଭାଗ | ପ୍ରଶାସନିକ ଖର୍ଚ୍ଚ | କାର୍ଯ୍ୟକ୍ରମ ଖର୍ଚ୍ଚ | ବିପର୍ଯ୍ୟୟ ମୁକାବିଲା ପାଣ୍ଠି | ରାଜ୍ୟରୁ ହସ୍ତାନ୍ତର | ସର୍ବ ମୋଟ |
|---|---|---|---|---|---|---|
| 1 | ସ୍ୱରାଷ୍ଟ୍ର ବିଭାଗ | 4,851.48 | 655.90 | | | 5,507.38 |
| 2 | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ | 212.45 | 210.15 | | | 422.60 |
| 3 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | 1,009.64 | 325.70 | | | 1,335.34 |
| 4 | ଆଇନ ବିଭାଗ | 441.26 | 24.90 | | | 466.16 |
| 5 | ଅର୍ଥ ବିଭାଗ | 35,074.80 | 67.00 | | | 35,141.80 |
| 6 | ବାଣିଜ୍ୟ ବିଭାଗ | 71.65 | 19.63 | | | 91.28 |
| 7 | ନିର୍ମାଣ ବିଭାଗ | 1,579.24 | 4,420.92 | | | 6,000.16 |
| 8 | ଓଡିଶା ବିଧାନସଭା | 121.03 | 0.00 | | | 121.03 |
| 9 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | 80.01 | 1,816.77 | | | 1,896.78 |
| 10 | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | 10,862.05 | 6,596.37 | | | 17,458.42 |
| 11 | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ | 769.45 | 3,038.91 | | | 3,808.36 |
| 12 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | 2,572.39 | 5,127.46 | | | 7,699.84 |
| 13 | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | 650.74 | 3,093.26 | 2,435.65 | | 6,179.65 |
| 14 | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | 111.84 | 94.33 | | | 206.17 |
| 15 | କ୍ରୀଡା ଓ ଯୁବ ସେବା ବିଭାଗ | 35.49 | 265.55 | | | 301.04 |
| 16 | ଯୋଜନା ଓ ସଂଯୋଜନା ବିଭାଗ | 51.00 | 1,130.23 | | | 1,181.23 |
| 17 | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ | 385.17 | 12,511.33 | 4,709.35 | | 17,605.85 |
| 18 | ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ବିଭାଗ | 2.18 | 0.00 | | | 2.18 |
| 19 | ଶିଳ୍ପ ବିଭାଗ | 5.55 | 544.45 | | | 550.00 |
| 20 | ଜଳ ସମ୍ପଦ ବିଭାଗ | 1,283.18 | 8,091.28 | | | 9,374.46 |
| 21 | ପରିବହନ ବିଭାଗ | 111.44 | 733.12 | | | 844.56 |
| 22 | ଜଙ୍ଗଲ ଓ ପରିବେଶ ବିଭାଗ | 482.60 | 651.97 | | | 1,134.57 |

| | | | | | | |
|---|---|---|---|---|---|---|
| 23 | କୃଷି ଓ କୃଷକ ସଶକ୍ତିକରଣ ବିଭାଗ | 866.58 | 5,950.55 | | | 6,817.13 |
| 24 | ଇସ୍ପାତ ଓ ଖଣି ବିଭାଗ | 62.72 | 119.50 | | | 182.22 |
| 25 | ସୂଚନା ଓ ଲୋକ ସଂପର୍କ ବିଭାଗ | 54.95 | 55.67 | | | 110.62 |
| 26 | ଅବକାରୀ ବିଭାଗ | 112.36 | 50.50 | | | 162.86 |
| 27 | ବିଜ୍ଞାନ ଓ ବୈଷୟିକ ବିଭାଗ | 14.76 | 85.24 | | | 100.00 |
| 28 | ଗ୍ରାମ୍ୟ ଉନ୍ନୟନ ବିଭାଗ | 1,227.16 | 4,322.26 | | | 5,549.42 |
| 29 | ସଂସଦୀୟ ବ୍ୟାପାର ବିଭାଗ | 61.53 | 5.29 | | | 66.82 |
| 30 | ଶକ୍ତି ବିଭାଗ | 31.80 | 1,828.93 | | | 1,860.73 |
| 31 | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ | 64.62 | 135.00 | | | 199.62 |
| 32 | ପର୍ଯ୍ୟଟନ ବିଭାଗ | 15.56 | 385.13 | | | 400.69 |
| 33 | ମତ୍ସ୍ୟ ଓ ପଶୁସମ୍ପଦ ଉନ୍ନୟନ ବିଭାଗ | 451.71 | 759.31 | | | 1,211.02 |
| 34 | ସମବାୟ ବିଭାଗ | 133.53 | 1,566.86 | | | 1,700.39 |
| 35 | ସରକାର ଉଦ୍ୟୋଗ ବିଭାଗ | 3.67 | 5.00 | | | 8.67 |
| 36 | ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ | 21.40 | 4,053.24 | | | 4,074.64 |
| 37 | ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ | 7.31 | 228.97 | | | 236.28 |
| 38 | ଉଚ୍ଚଶିକ୍ଷା ବିଭାଗ | 1,237.92 | 1,168.59 | | | 2,406.51 |
| 39 | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | 346.64 | 478.37 | | | 825.01 |
| 40 | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | 70.96 | 179.04 | | | 250.00 |
| 41 | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ | 70.22 | 2,954.04 | | | 3,024.26 |
| 42 | ବିପର୍ଯ୍ୟୟ ପରିଚାଳନା ବିଭାଗ | 3.45 | 118.98 | | 3,200.00 | 3,322.43 |
| 43 | ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | 31.50 | 130.31 | | | 161.81 |
| | **ସର୍ବମୋଟ** | **65,655** | **74,000** | **7,145** | **3,200** | **1,50,000** |

## କ୍ଷେତ୍ରୀୟ ମୁଖ୍ୟାଂଶ

### A. ସମସ୍ତଙ୍କ ଲାଗି ସ୍ୱାସ୍ଥ୍ୟ ସେବା

- ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ଲାଗି ସର୍ବମୋଟ୍ 7 ହଜାର 700 କୋଟି ଟଙ୍କାର ବ୍ୟୟ ବରାଦ ଯାହା ବିଗତ ବର୍ଷ ତୁଳନାରେ 14 ପ୍ରତିଶତ ଅଧିକ
- "ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା" ଅଧିନରେ ମାଗଣା ଔଷଧ ଯୋଗାଇ ଦେବା ପାଇଁ ପୁରୁଷ ହିତାଧିକାରୀଙ୍କ କ୍ଷେତ୍ରରେ ପରିବାର ପିଛା 5 ଲକ୍ଷ ଟଙ୍କା ଓ ମହିଳା ହିତାଧିକାରୀଙ୍କ କ୍ଷେତ୍ରରେ ପରିବାର ପିଛା 10 ଲକ୍ଷ ଟଙ୍କା ଦେବା ପାଇଁ 1108 କୋଟି ଟଙ୍କାର ବ୍ୟୟ ବରାଦ ।

- “ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ” ମାଧ୍ୟମରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ବିକାଶ ପାଇଁ 578 କୋଟି ଟଙ୍କାର ବ୍ୟୟ ବରାଦ ।
- “ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ” ଯୋଜନାରେ 1652 କୋଟି ଟଙ୍କା ବ୍ୟୟ ବରାଦ
- ନିର୍ମଳ ଯୋଜନାରେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ପରିମଳର ବ୍ୟବସ୍ଥାର ମାନର ଉନ୍ନତି, ଲଣ୍ଡ୍ରୀ, ସୁରକ୍ଷା, ଉଦ୍ୟାନ ଏବଂ ଲିଫ୍ଟ ସେବା ପାଇଁ 360 କୋଟି ଟଙ୍କାର ବ୍ୟବସ୍ଥା ।
- ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟକୁ ଏକ ଅତ୍ୟାଧୁନିକ ବିଶ୍ୱସ୍ତରୀୟ ପ୍ରତିଷ୍ଠାନରେ ପରିଣତ କରିବା ପାଇଁ ଆଗାମୀ 2 ବର୍ଷ ମଧ୍ୟରେ 1000 କୋଟି ଟଙ୍କାର ନିବେଶ ର ଲକ୍ଷ୍ୟ ରଖାଯାଇଛି ।
- ପୁରୀ, ଯାଜପୁର, କେନ୍ଦୁଝର, ଭବାନୀପାଟଣା, ସୁନ୍ଦରଗଡ (NTPC ସହାୟତାରେ ), ତାଳଚେର (MCL ସହାୟତାରେ) ଓ କନ୍ଧମାଳ ଠାରେ 7 ଟି ନୂତନ ସରକାରୀ ଭେଷଜ ମହାବିଦ୍ୟାଳୟର ପ୍ରତିଷ୍ଠା କରିବା ପାଇଁ 562 କୋଟି ଟଙ୍କାର ବ୍ୟୟବରାଦ ।
- ଭୁବନେଶ୍ୱର ଓ ଅନୁଗୁଳରେ ଥିବା ESI ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ 220 ଚିକିତ୍ସକ ଓ ସହକାରୀ ସ୍ୱାସ୍ଥ୍ୟ କର୍ମୀ ପଦବୀ ସୃଷ୍ଟି ଓ ରାଜ୍ୟ କର୍ମଚାରୀ ବୀମା ଯୋଜନା (ESI) ପାଇଁ 47 କୋଟି ଟଙ୍କାର ବ୍ୟୟବରାଦ ।

## B. ଶିକ୍ଷା ଏବଂ ଦକ୍ଷତା ବିକାଶ

- ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ମୋଟ୍ 22,631କୋଟି ଟଙ୍କା ବ୍ୟୟ ବରାଦ ।
- ସମଗ୍ର ଶିକ୍ଷା ଅଭିଯାନ ଓ ମଧ୍ୟାହ୍ନ ଭୋଜନ ଯୋଜନା ପାଇଁ ଯଥାକ୍ରମେ 3,157 କୋଟି ଟଙ୍କା ଓ 800 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଯେଉଁଥିରେ 40 ପ୍ରତିଶତ ରାଜ୍ୟ ଅଂଶ ଅଟେ ।
- “ଓଡିଶା ଆଦର୍ଶ ବିଦ୍ୟାଳୟ” ଯୋଜନା ଅଧିନରେ ବିଦ୍ୟାଳୟର ସ୍ଥାପନା ଓ ପରିଚାଳନା ଖର୍ଚ୍ଚ ପାଇଁ 400 କୋଟି ଟଙ୍କାର ବ୍ୟୟ ବରାଦ ।
- ପରିବେଶ ଅନୁକୂଳ ଜାଳେଣିକୁ ପ୍ରୋତ୍ସାହିତ କରିବାପାଇଁ 10 ହଜାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ LPG ସଂଯୋଗ ନିମନ୍ତେ 8 କୋଟି ଟଙ୍କାର ପ୍ରସ୍ତାବ ।
- ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଲାଗି “ମୋ ସ୍କୁଲ” ଅଭିଯାନ ପାଇଁ 40 କୋଟି ଟଙ୍କାର ବ୍ୟୟ ବରାଦ । ଏହି ଯୋଜନାରେ ସରକାର ଜନ ସାଧାରଣଙ୍କ ଦ୍ୱାରା ପ୍ରଦତ୍ତ ରାଶିର 2 ଗୁଣ ପ୍ରଦାନ କରି ବିଜ୍ଞାନାଗାର,ପାଠାଗାର ଓ କ୍ରୀଡାର ବିକାଶ କରିବେ ।
- “ମୋ କଲେଜ୍ ଅଭିଯାନ” ଅଧିନରେ କର୍ପସ ପାଣ୍ଠିଲାଗି 10 କୋଟି ଟଙ୍କାର ବ୍ୟୟ ବରାଦ
- ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ସବୁ ପିଲାଙ୍କୁ ମାଗଣାରେ ସ୍କୁଲ ବ୍ୟାଗ, ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ପିଲାଙ୍କ ପାଇଁ ମାଗାଣାରେ ପାଠ୍ୟ ପୁସ୍ତକ, ସ୍କୁଲ ପୋଷାକ ଓ ଯୋତା ଏବଂ ଉଭୟ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ସାଇକେଲ ପ୍ରଦାନ ପାଇଁ ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା (GMSMY) ଅଧିନରେ 231 କୋଟି ଟଙ୍କାର ବ୍ୟୟ ବରାଦ ।
- Pre-Matric ଓ Post-Matric ବୃତ୍ତି ନିମନ୍ତେ 1425 କୋଟି ଟଙ୍କାର ପ୍ରସ୍ତାବ ।
- ଚିହ୍ନଟ କରାଯାଇଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କୁ ଉତ୍କର୍ଷ କେନ୍ଦ୍ରରେ ( Centre of Excellence) ପରିଣତ କରିବା ପାଇଁ ବିଶ୍ୱବ୍ୟାଙ୍କ ଅଧିନରେ ଚାଲୁଥିବା Odisha Higher Education Programme for Excellence and Equity (OHEPEE) ପ୍ରକଳ୍ପ ପାଇଁ 130 କୋଟି ଟଙ୍କାର ପ୍ରସ୍ତାବ

- ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷା ପାଇଁ ଉଦ୍ଦିଷ୍ଟ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (RUSA) ନିମନ୍ତେ 220 କୋଟି ଟଙ୍କାର ପ୍ରସ୍ତାବ
- Asian Development Bank ର ସହାୟତାରେ କାର୍ଯ୍ୟକାରୀ ହେଉଥିବା ଓଡିଶା ଦକ୍ଷତା ବିକାଶ ପ୍ରକଳ୍ପ (Odisha Skill Development Project) ଅଧିନରେ ଏକ ବିଶ୍ୱ ଦକ୍ଷତା କେନ୍ଦ୍ର (World Skill Center) ପ୍ରତିଷ୍ଠା ନିମନ୍ତେ 220 କୋଟି ଟଙ୍କାର ପ୍ରସ୍ତାବ
- ବୈଷୟିକ ବିଶ୍ୱବିଦ୍ୟାଳୟ, ଯାନ୍ତିକ ମହାବିଦ୍ୟାଳୟ, ଯାନ୍ତ୍ରିକ ବିଦ୍ୟାଳୟ, Polytechnic ଏବଂ ITI ଗୁଡିକରେ ଭିତ୍ତିଭୂମିର ବିକାଶ ଲାଗି 199 କୋଟି ଟଙ୍କାର ବ୍ୟୟ ବରାଦ

## C. କୃଷି: କୃଷକ କଲ୍ୟାଣ

- କୃଷି ଓ ଆନୁସଙ୍ଗିକ କାର୍ଯ୍ୟ ଲାଗି 19,408 କୋଟି ଟଙ୍କାର ବ୍ୟୟ ବରାଦ;
- KALIA ଯୋଜନା ଅଧିନରେ 3,195 କୋଟି ଟଙ୍କାର ବ୍ୟୟ ବରାଦ
- କୃଷି ସମବାୟ ସମିତି ଓ ବାଣିଜ୍ୟିକ ବ୍ୟାଙ୍କ ଗୁଡିକରୁ ଦିଆଯାଉଥିବା କୃଷି ଋଣ ଉପରେ ସୁଧ ରିହାତି ପାଇଁ 705 କୋଟି ଟଙ୍କାର ବ୍ୟୟ ବରାଦ
- କୃଷି ବିଦ୍ୟା, ଗବେଷଣା ଓ ଭିତ୍ତିଭୂମିର ବିକାଶ ପାଇଁ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (OUAT) କୁ 150 କୋଟି ଟଙ୍କାର ଅନୁଦାନ
- National Horticulture Mission ପାଇଁ 123 କୋଟି ଟଙ୍କାର ବ୍ୟୟ ବରାଦ
- କୃଷକମାନଙ୍କୁ ରାସାୟନିକ ସାର ଓ ଉନ୍ନତମାନର ବିହନ ଆଗୁଆ ଉପଲବ୍ଧ କରାଇବା ଲାଗି 100 କୋଟି ଟଙ୍କାର Revolving Fund
- ବାଣିଜ୍ୟିକ କୃଷି ଉଦ୍ୟୋଗର ପ୍ରତିଷ୍ଠା ଲାଗି ଆବଶ୍ୟକ ପୁଞ୍ଜି ନିବେଶ ଉପରେ ରିହାତି ଦେବା ନିମନ୍ତେ 100 କୋଟି ଟଙ୍କାର ବ୍ୟୟ ବରାଦ
- କୃଷି ଯନ୍ତ୍ରପାତି ଓ ଡିଜେଲ ଚାଳିତ ପମ୍ପସେଟ୍ କୁ ଲୋକପ୍ରିୟ କରିବା ଲାଗି 224 କୋଟି ଟଙ୍କାର ବ୍ୟୟ ବରାଦ
- Farmer's Producer's Organisationକୁ ସହାୟତା କରିବା ପାଇଁ 60 କୋଟି ଟଙ୍କାର ବ୍ୟୟ ବରାଦ
- ପରମ୍ପରାଗତ କୃଷି ବିକାଶ ଯୋଜନା ଅଧିନରେ ପ୍ରାୟ 20,800 ହେକ୍ଟର ଜମିରେ ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ 40 କୋଟି ଟଙ୍କାର ବ୍ୟୟ ବରାଦ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ 700 କୋଟି ଟଙ୍କାର ବ୍ୟୟ ବରାଦ

## D. ଜଳସେଚନ

- PMKSY ଯୋଜନା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଅସମ୍ପୂର୍ଣ୍ଣ AIBP ପ୍ରକଳ୍ପ ପାଇଁ 1811 କୋଟି ଟଙ୍କାର ବ୍ୟୟବରାଦ ।
- ଜଳ ସଂରକ୍ଷଣ ଓ ବ୍ୟବହାର କ୍ଷେତ୍ରରେ ବୃହତ୍ ପରିବର୍ତ୍ତନ ଆଣିବା ପାଇଁ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ମୋଟ 12 ହଜାର କୋଟି ଟଙ୍କା ବ୍ୟୟରେ ସମସ୍ତ ପ୍ରମୁଖ ନଦୀ ଗୁଡିକରେ In-stream Storage Structures (ISS) ର ନିର୍ମାଣ । ଏଥିପାଇଁ ଏହି ବର୍ଷ ବଜେଟରେ 1092 କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି ।
- ଜଳ କ୍ଷେତ୍ର ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ (WSIDP) ଅଧୀନରେ ଚାଲୁଥିବା ଏବଂ ନୂତନ ପ୍ରକଳ୍ପ ମାନଙ୍କ ପାଇଁ 910 କୋଟି ଟଙ୍କାର ପ୍ରସ୍ତାବ ।
- ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ କାର୍ଯ୍ୟପାଇଁ 1060 କୋଟି ଟଙ୍କାର ବ୍ୟ୍ୟ ବରାଦ ।

- ବିଜୁ କୃଷକ ବିକାଶ ଯୁଯୋଜନା ଅଧିନରେ ଗୋଷ୍ଠି ଉଠା ଜଳସେଚନ ପ୍ରକଳ୍ପ ମାନଙ୍କ ପାଇଁ 360 କୋଟି ଟଙ୍କାର ପ୍ରସ୍ଥାବ ।
- 1200  ଅଚଳ ଉଠାଜଳସେଚନ କେନ୍ଦ୍ର ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ 193 କୋଟି ଟଙ୍କାର ପ୍ରସ୍ଥାବ ।
- "ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା " 540 କୋଟି ଟଙ୍କାର ବ୍ୟୟ ବରାଦ ।
- 27 ଗୋଟି ପୌରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥା ଏବଂ 49 ଟି ଜଳ ଅଭାବ ଗ୍ରସ୍ତ ବ୍ଲକ ମାନଙ୍କରେ ଛାତ ଉପରେ ବର୍ଷାଜଳ ଅମଳ ଓ ଭୂତଳ ଜଳ ସଂରକ୍ଷଣ ପାଇଁ 35 କୋଟି ଟଙ୍କାର ପ୍ରସ୍ତାବ ।
- RIDF ଅଧିନରେ ଜଳନିଧି ଯୋଜନାରେ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି ପାଇଁ 180 କୋଟି ଟଙ୍କାର ପ୍ରସ୍ତାବ ।
- 15000ଟି ଗଭୀର ନଳକୂପ ଖନନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ 459 କୋଟି ଟଙ୍କାର ପ୍ରସ୍ତାବ ।
- ଜଳ ସଞ୍ଚାଳନ କ୍ଷତିକୁ କମ୍ କରିବା ଲାଗି CANAL LINING SYSTEM REHABILITATION PROGRAMME (CLSRP)  ଯୋଜନାରେ 190 କୋଟି ଟଙ୍କାର ବ୍ୟୟବରାଦ ।
- 538 ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନଃରୁଦ୍ଧାର ଓ ସଂରକ୍ଷଣ ପାଇଁ 150 କୋଟି ଟଙ୍କାର ବ୍ୟୟବରାଦ ।
- ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ପାଇଁ 90 କୋଟି ଟଙ୍କାର ବ୍ୟୟବରାଦ ।
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପାଇଁ 700 କୋଟି ଟଙ୍କାର ବ୍ୟୟବରାଦ ।

## E. ପାନୀୟ ଜଳ

- ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ସର୍ବମୋଟ 8000 କୋଟି ଟଙ୍କାର ପ୍ରସ୍ତାବ ।
- (BASUDHA) ଯୋଜନା ଅଧିନରେ ଗ୍ରାମାଞ୍ଚଳରେ ଜଳ ଯୋଗାଣ ପାଇଁ 3,250 କୋଟି ଟଙ୍କା ଓ ସହରାଞ୍ଚଳ ପାଇଁ 236 କୋଟି ଟଙ୍କାର ବ୍ୟୟ ବରାଦ ।
- ଜଳଜୀବନ ମିଶନ ପାଇଁ 2000 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ।
- ଜଳଯୋଗାଣ ବ୍ୟବସ୍ଥାର କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ପାଇଁ 560 କୋଟି ଟଙ୍କାର ବ୍ୟୟ ବରାଦ ।
- ବଜେଟ୍ ବର୍ହିଭୁତ ସମ୍ବଳ ଯଥା : ଜିଲ୍ଲା ଖଣିଜ ସମ୍ପଦ ପାଣ୍ଠି (DMF) ଓ ଓଡିଶା ଖଣିଜ ସମ୍ପଦ ପୂର୍ଣ୍ଣ ଅଞ୍ଚଳ ଉନ୍ନୟନ ନିଗମ (OMBADC) ଦ୍ୱାରା ପ୍ରଦତ୍ତ ଯଥାକ୍ରମେ 1538 କୋଟି ଟଙ୍କା ଓ 991 କୋଟି ଟଙ୍କା ଅନୁଦାନକୁ ସଂଯୋଜନାରେ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ବ୍ୟବସ୍ଥା ।
- ଚଳିତ ବର୍ଷ ଭୁବନେଶ୍ୱର ଓ ପୁରୀ ରେ 9ଟି ପାଇଲଟ୍ ପ୍ରକଳ୍ପ ପାଇଁ 560 କୋଟି ଟଙ୍କା ର ପ୍ରସ୍ତାବ । ଯାହାକି ଏକ 5T ପଦକ୍ଷେପ ହିସାବରେ Drink from Tap Mission ଅଧିନରେ 114ଟି   ପୌରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥା ମାନଙ୍କରେ ପାନୀୟ ଜଳର ଗୁଣବତ୍ତା ବୃଦ୍ଧି ଏବଂ ନିରବଚ୍ଛିନ୍ନ ଜଳଯୋଗାଣ ବ୍ୟବସ୍ଥାର ଅର୍ନ୍ତଭୁକ୍ତ  ।

## F. ଶିଳ୍ପର ବିକାଶ ଲାଗି ନିବେଶ

- ଶିଳ୍ପ କ୍ଷେତ୍ରର ଉନ୍ନୟନ ଏବଂ ପୁଞ୍ଜି ନିବେଶକୁ ଆକର୍ଷିତ କରିବା ଲାଗି 575 କୋଟି ଟଙ୍କାର ବ୍ୟୟ ବରାଦ
- Ease of Doing  Business ର ଅଂଶ ସ୍ୱରପ " Go Swift" "Go Smile", "Go Plus" ଏବଂ "Go Care" ଆଦି ପୋର୍ଟାଲ୍‌ର ବ୍ୟବହାର
- ଶିଳ୍ପ ଭିତ୍ତିଭୂମିର ବିକାଶ ପାଇଁ IDCO କୁ 284 କୋଟି ଟଙ୍କା ର ଆର୍ଥିକ ସହାୟତା
- ହସ୍ତତନ୍ତ, ହସ୍ତକଳା, ରେଶମ ଶିଳ୍ପ ଏବଂ ବୟନ ଶିଳ୍ପ କ୍ଷେତ୍ର ଲାଗି 200 କୋଟି ଟଙ୍କାର ପ୍ରସ୍ତାବ, ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ 250 କୋଟି ଟଙ୍କାର ବ୍ୟୟ ବରାଦ
- ଖଣିଜ କ୍ଷେତ୍ର ପାଇଁ 182 କୋଟି ଟଙ୍କା ର ପ୍ରସ୍ତାବ ଯାହା ମଧ୍ୟରେ i3MS ପାଇଁ 43 କୋଟି ଏବଂ ଖଣିଜ ସମ୍ପଦ ଉତ୍ତୋଳନ ଓ ନିଲାମ ପାଇଁ 73 କୋଟି ଟଙ୍କା ଅନ୍ତର୍ଭୁକ୍ତ

## G. ଭିତ୍ତିଭୂମି ବିକାଶ

- ଭିତ୍ତିଭୂମି କ୍ଷେତ୍ର ପାଇଁ ମୋଟ୍ 17,809 କୋଟି ଟଙ୍କାର ବ୍ୟୟ ବରାଦ
- ରାଜ୍ୟରେ ରାସ୍ତାର ନିର୍ମାଣ ଏବଂ ମାନର ଉନ୍ନତିକରଣ ଲାଗି, "ରାସ୍ତା ଉନ୍ନତିକରଣ ଯୋଜନା (Road Dev. Programme )" ମାଧ୍ୟମରେ 2272 କୋଟି ଟଙ୍କାର ବ୍ୟବସ୍ଥା
- ଚବିଶ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଣର ଲକ୍ଷ୍ୟ ରଖି State Capital Region Improvement of Power System (SCRIPS) ଅଧିନରେ 200 କୋଟି ଟଙ୍କାର ବ୍ୟୟ ବରାଦର ପ୍ରସ୍ତାବ
- Odisha Distribution System Strengthening Project (ODSSP) ଅଧିନରେ ବକେୟା କାର୍ଯ୍ୟ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ 184 କୋଟି ଟଙ୍କାର ବ୍ୟୟ ବରାଦ
- "ବିଦ୍ୟୁତ ସେତୁ" ଯୋଜନାରେ ସେତୁ ନିର୍ମାଣ ଲାଗି 1000 କୋଟି ଟଙ୍କାର ବ୍ୟୟ ବରାଦ
- "ରାଜ୍ୟ ରାଜପଥ ଉନ୍ନୟନ ଯୋଜନା" (SHDP) ଅଧିନରେ ରାଜ୍ୟ ରାଜପଥର ଦୋହରୀକରଣ ଲାଗି 100 କୋଟି ଟଙ୍କାର ପ୍ରସ୍ତାବ ; ସରକାରୀ ଓ ଘରୋଇ ସହଭାଗିତାରେ ରାସ୍ତା ପ୍ରକଳ୍ପ ଲାଗି 62 କୋଟି ଟଙ୍କାର ବ୍ୟୟ ବରାଦ ; Biju Express Way ଯୋଜନା ଅଧିନରେ ପଶ୍ଚିମ ଓଡିଶା ଓ KBK ଜିଲ୍ଲାରେ ରାସ୍ତା ସଂଯୋଗୀକରଣ ଲାଗି 30 କୋଟି ଟଙ୍କା ଏବଂ Central Road Fund ଅଧିନରେ 431 କୋଟି ଟଙ୍କାର ବ୍ୟୟ ବରାଦ ।

## H. ସାମାଜିକ ନିରାପତ୍ତା ବ୍ୟବସ୍ଥା

- ସାମାଜିକ ନିରାପତ୍ତା ଲାଗି ସର୍ବମୋଟ୍ 3,024 କୋଟି ଟଙ୍କାର ବ୍ୟୟବରାଦ
- "ମଧୁବାବୁ ପେନସନ ଯୋଜନା" ପାଇଁ 1718 କୋଟି ଟଙ୍କା ଓ ଜାତୀୟ ସାମାଜିକ ସହାୟତା ଯୋଜନା (NSAP) ଅଧିନରେ 80 ବର୍ଷରୁ କମ୍ ବୟସର ବୃଦ୍ଧ, ବିଧବା ଏବଂ ଦିବ୍ୟାଙ୍ଗ ହିତାଧିକକାରୀଙ୍କୁ ପ୍ରତିମାସ 500 ଟଙ୍କା ହିସାବରେ ଓ 80 ବର୍ଷରୁ ଉର୍ଦ୍ଧ ହିତାଧିକାରୀମାନଙ୍କୁ ମାସିକ 700 ଟଙ୍କା ହିସାବରେ ମୋଟ୍ 48 ଲକ୍ଷ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ 9,28 କୋଟି ଟଙ୍କାର ବ୍ୟୟ ବରାଦ ।
- ଦିବ୍ୟାଙ୍ଗ ମାନଙ୍କର କଲ୍ୟାଣ ପାଇଁ 164 ଟଙ୍କା ଏବଂ ଜାତୀୟ ଦିବ୍ୟାଙ୍ଗ ଯୋଜନା ଅଧିନରେ 14 କୋଟି ଟଙ୍କାର ପ୍ରସ୍ତାବ ।
- ଦୁଃସ୍ଥ ଓ ପରିତ୍ୟକ୍ତ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ 200 କୋଟି ଟଙ୍କାର ପ୍ରସ୍ତାବ ଯେଉଁଥିରେ ବୃଦ୍ଧାଶ୍ରମ ସ୍ଥାପନ ପାଇଁ 164 କୋଟି ଟଙ୍କା ଅନ୍ତର୍ଭୁକ୍ତ ।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ପାଇଁ 25 କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି ।

## I. ମହିଳା ସଶକ୍ତିକରଣ

- 2020-21 ଆର୍ଥିକ ବର୍ଷ ପାଇଁ "MAMATA" ଯୋଜନା ଅଧିନରେ 305 କୋଟି ଟଙ୍କାର ବ୍ୟୟ ବରାଦ ।
- Supplementary Nutrition Programme ଅଧିନରେ 1161 କୋଟି ଟଙ୍କାର ବ୍ୟୟ ବରାଦ ।
- " ମିଶନ ଶକ୍ତି " ଅଧିନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କର ସଂଘର ସହାୟତା ପାଇଁ 316 କୋଟି ଟଙ୍କାର ବ୍ୟୟ ବରାଦ ।
- କାର୍ଯ୍ୟରତ ମହିଳାମାନଙ୍କ ହଷ୍ଟେଲ ନିର୍ମାଣ ପାଇଁ 10 କୋଟି ଟଙ୍କାର ପ୍ରସ୍ତାବ ।

## J . ଖାଦ୍ୟ ନିରାପତ୍ତା

- ❖ ରାଜ୍ୟର ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନା ମାଧ୍ୟମରେ 23 ଲକ୍ଷ ଅତିରିକ୍ତ ହିତାଧିକାରୀଙ୍କୁ ମାସିକ 5 କିଲୋଗ୍ରାମ ଚାଉଳ ରିହାତି ଦରରେ କେ.ଜି. ପିଛା 1 ଟଙ୍କାରେ ମୂଲ୍ୟରେ ଯୋଗାଇ ଦିଆଯାଉଛି । କେ.ଜି ପିଛା 1 ଟଙ୍କାରେ ଚାଉଳ ଯୋଗାଇ ଦେବାଲାଗି ସର୍ବମୋଟ୍ 1038 କୋଟି ଟଙ୍କାର ବ୍ୟୟବରାଦ କରାଯାଉଛି ।
- ❖ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ 210 କୋଟି ଟଙ୍କାର ପ୍ରସ୍ତାବ ।
- ❖ ସୁଲଭ ମୂଲ୍ୟ ଦୋକାନଗୁଡିକର ଡିଲର ଲାଭାଂଶ ବାବଦକୁ ଓ ପରିବହନ ଖର୍ଚ୍ଚ  ପାଇଁ 99 କୋଟି ଟଙ୍କାର ବ୍ୟୟବରାଦ ।
- ❖ ଓଡିଶା ରାଜ୍ୟ ଖାଉଟି ଯୋଗାଣ ନିଗମ ରାଜ୍ୟରେ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମକୁ ତୁଲାଇ ଥାଏ ଏବଂ ଏହାର ସୁଦୃଢିକରଣ ପାଇଁ 631 କୋଟି ଟଙ୍କାର ଅଂଶଦାନ ପ୍ରଦାନ (Equity Infusion).

## K. ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ ଏବଂ ସଂଖ୍ୟାଲଘୁମାନଙ୍କ ବିକାଶ

- ❖ ଅନୁସୂଚିତ ଜାତି ଓ ଜନଜାତିର ଉପ-ଉପାଦାନ (Sub-component) ଅଧିନରେ ମୋଟ 23,808 କୋଟି ଟଙ୍କାର ବ୍ୟୟ ବରାଦ ।
- ❖ "AKANKSHYA" ଯୋଜନା ଅଧିନରେ ଅନୁସୂଚିତ ଜନଜାତି ଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ଚାଲୁ ରଖିବା ପାଇଁ ନଗରାଞ୍ଚଳରେ ଛାତ୍ରୀନିବାସ ନିର୍ମାଣ ନିମନ୍ତେ 277କୋଟି ଟଙ୍କାର ବ୍ୟୟ ବରାଦ ।
- ❖ Pre-matric ଏବଂ Post-matric ବୃତ୍ତି ପାଇଁ 936 କୋଟି ଟଙ୍କାର ବ୍ୟୟ ବରାଦ ।
- ❖ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ 128 କୋଟି ଟଙ୍କାର ବ୍ୟୟବରାଦ ।
- ❖ ବିଭିନ୍ନ ସାମାଜିକ କ୍ଷେତ୍ରର ଉନ୍ନୟନ ପଦକ୍ଷେପ ଓ "ANWESHA" ପାଇଁ 103 କୋଟିଟଙ୍କାର ବ୍ୟୟବରାଦ ।

## L. ଗ୍ରାମ୍ୟ ଉନ୍ନୟନ

- ❖ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାର ସଂଯୋଜନ ମାଧ୍ୟମରେ ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ପାଇଁ 3962 କୋଟି ଟଙ୍କାର ବ୍ୟୟ ବରାଦ ।
- ❖ ଗ୍ରାମାଞ୍ଚଳରେ ସଡକ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା (PMGSY) ରେ 2500 କୋଟି ଟଙ୍କାର ବ୍ୟୟ ବରାଦ ।
- ❖ RIDF ଅଧିନରେ ବିଜୁ ସେତୁ ଯୋଜନା ପାଇଁ 1000 କୋଟି ଟଙ୍କାର ବ୍ୟୟବରାଦ ।
- ❖ ଓଡିଶା ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ବିଚ୍ଛିନ୍ନ ଗ୍ରାମଗୁଡିକୁ ସଂଯୋଗ କରିବା ପାଇଁ 71 କୋଟି ଟଙ୍କାର ବ୍ୟୟବରାଦ ।
- ❖ ଗ୍ରାମ୍ୟ ସଡକ ଓ ସେତୁ ଗୁଡିକର ଉନ୍ନତି କରଣ ସଂପୂର୍ଣ୍ଣ କରିବା ପାଇଁ 375 କୋଟି ଟଙ୍କାର ପ୍ରସ୍ତାବ ।
- ❖ ସ୍ୱଚ୍ଛ ଭାରତ ମିଶନ ଅଧିନରେ ଗ୍ରାମାଞ୍ଚଳ ଉପାଦାନ ପାଇଁ 500 କୋଟି ଟଙ୍କାର ବ୍ୟୟବରାଦ ।
- ❖ ବିଜୁଳି,ସଡ଼କ ଓ ପାଣି ଯୋଗାଇ ଦେବା ପାଇଁ " ଗୋପବନ୍ଧୁ ଗ୍ରାମୀଣ ଯୋଜନା" ରେ 300 କୋଟି ଟଙ୍କାର ବ୍ୟୟ ବରାଦ ।
- ❖ ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଯୋଜନା – ଜାତୀୟ ଗ୍ରାମୀଣ ଜୀବିକା ମିଶନ ପାଇଁ 852 କୋଟି ଟଙ୍କାର ବ୍ୟୟବରାଦ ।
- ❖ ଶ୍ୟାମା ପ୍ରସାଦ ମୁଖାର୍ଜୀ RURBAN MISSION ଅଧିନରେ 80 କୋଟି ଟଙ୍କାର ବ୍ୟୟବରାଦ ।

## M. ସହରାଞ୍ଚଳ ଉନ୍ନୟନ

- ସହରାଞ୍ଚଳର ଉନ୍ନୟନ ପାଇଁ ମୋଟ 6,180 କୋଟି ଟଙ୍କାର ବ୍ୟୟ ବରାଦ ।
- ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ UNNATI  ଯୋଜନାରେ 351 କୋଟି ଟଙ୍କାର ବ୍ୟୟ ବରାଦ ।
- BASUDHA ଯୋଜନାରେ ସହରାଞ୍ଚଳ ଜଳ ଯୋଗାଣ ପାଇଁ 236 କୋଟି ଟଙ୍କାର ବ୍ୟୟ ବରାଦ ।
- JICA ସହାୟତାରେ ଓଡିଶା ସମନ୍ୱିତ ପରିମଳ ଉନ୍ନୟନ ପ୍ରକଳ୍ପ ପାଇଁ 300 କୋଟି  ଏବଂ ଭୁବନେଶ୍ୱର ଓ କଟକରେ "ଓଡିଶା ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି" ପାଇଁ 120 କୋଟି ଟଙ୍କାର ବ୍ୟୟବରାଦ ।
- ସହରାଞ୍ଚଳ ସଡକ ପରିବହନ ପାଇଁ 200 କୋଟି ଟଙ୍କାର ବ୍ୟୟବରାଦ ଯେଉଁଥିରେ ଭୁବନେଶ୍ବରରେ ବସ୍ ପରହିବହନ ବ୍ୟବସ୍ଥା ଅନ୍ତର୍ଭୁକ୍ତ ।
- ସହରାଞ୍ଚଳ ଗୃହ ନିର୍ମାଣ ପାଇଁ 518 କୋଟି ଟଙ୍କାର ବ୍ୟୟବରାଦ  ।
- ସ୍ୱଚ୍ଛ ଭାରତ ମିଶନର ସହରାଞ୍ଚଳ  ଉପାଦାନ ଲାଗି 300 କୋଟି ଟଙ୍କାର ବ୍ୟୟ ବରାଦ ।
- ଜାତୀୟ ସହରାଞ୍ଚଳ ଜୀବିକା ମିଶନ ପାଇଁ 55 କୋଟି ଟଙ୍କାର ବ୍ୟୟବରାଦ ।
- ଭୁବନେଶ୍ୱର ଓ ରାଉରକେଲା ସ୍ମାର୍ଟ ସିଟିର ଉନ୍ନତି ପାଇଁ "ସ୍ମାର୍ଟ ସିଟି ମିଶନ" ରେ 200 କୋଟି ଟଙ୍କାର ପ୍ରସ୍ତାବ ।

## N. ପର୍ଯ୍ୟଟନ

- "ABADHA" ଯୋଜନା ଅଧିନରେ ପୁରୀ ଶ୍ରୀମନ୍ଦିର ଅଞ୍ଚଳର ବିକାଶ ପାଇଁ 695 କୋଟି ଟଙ୍କାର ବ୍ୟୟବରାଦ ।
- "EKAMRA" ଯୋଜନା ଅଧିନରେ 150 କୋଟି ଟଙ୍କାର ବ୍ୟୟବରାଦ ।
- ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନୟନ ଓ ପରିଚାଳନା ପାଇଁ 187 କୋଟି ଟଙ୍କାର ବ୍ୟୟବରାଦ ।
- ଶାମୁକା ପ୍ରକଳ୍ପର ଉନ୍ନତି କରଣ ପାଇଁ 80 କୋଟି ଟଙ୍କାର ବ୍ୟୟବରାଦ ।
- ପର୍ଯ୍ୟଟନର ପ୍ରଚାରପ୍ରସାର ପାଇଁ 66 କୋଟି ଟଙ୍କାର ବ୍ୟୟବରାଦ ।
- ଐତିହ୍ୟ କୀର୍ତ୍ତିରାଜି ଓ ପର୍ଯ୍ୟଟନ କେନ୍ଦ୍ର ମାନଙ୍କର ସମନ୍ୱିତ ବିକାଶ ପାଇଁ 50 କୋଟି ଟଙ୍କାର ବ୍ୟୟବରାଦ ।
- ବନ୍ୟାଞ୍ଚଳ ପର୍ଯ୍ୟଟନ କ୍ଷେତ୍ର ଓ ଆଦ୍ରଭୂମି ଚାରିପାଖରେ ଥିବା Eco-tourism କେନ୍ଦ୍ର ମାନଙ୍କର ପ୍ରତିଷ୍ଠା ଓ ରକ୍ଷଣାବେକ୍ଷଣ ପାଇଁ 25 କୋଟି ଟଙ୍କାର ବ୍ୟୟବରାଦ ।
- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ନିମନ୍ତେ 6 କୋଟି ଟଙ୍କାର ପ୍ରସ୍ତାବ ।

## O. ବିପର୍ଯ୍ୟୟ ପରିଚାଳନା

- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ମୋଟ 3200 କୋଟି ଟଙ୍କାର ପ୍ରସ୍ତାବ ଯାହା ମଧ୍ୟରେ SDRF ପାଇଁ 1711 କୋଟି ଟଙ୍କା, NDRF ପାଇଁ 1000 କୋଟି ଟଙ୍କା, SDMF ପାଇଁ 428 କୋଟି ଏବଂ NDMF ପାଇଁ 43 କୋଟି ଟଙ୍କା ପ୍ରସ୍ତାବ ।
- ଏତଦ୍‌ବ୍ୟତୀତ ବିଶ୍ୱ ବ୍ୟାଙ୍କ ସହାୟତାରେ ଚାଲୁଥିବା ODRP ପ୍ରକଳ୍ପ ପାଇଁ 100 କୋଟି ଟଙ୍କାର  ପ୍ରସ୍ତାବ ।